# Akashvani, Sambalpur

## SAMBALPURI NEWS BULLETIN

### 24 April 2025- 6.47- 6.52 am.

**********************************************

ରାସନ କାର୍ଡ        I&PR

ପୁରୀ ତାଳବଣିଆଠାନେ ଆଏଜ୍ ରାଜ୍ୟସ୍ତରୀୟ ଜାତୀୟ ପଂଚାୟତିରାଜ୍ ଦିସବ୍ ସମାରୋହ ହେବା । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ରାଜ୍ୟର୍ ପାଖାପାଖ୍ଇ ୬ ଲାଖ୍ ହିତାଧିକାରୀମାନଙ୍କୁ ନୂଆ ରାସନ୍ କାର୍ଡ ବାଂଟ୍‌ବେ । ଇତାର୍‌ସହେତେ ମୁଖ୍ୟମନ୍ତ୍ରୀ ଇ-ପଂଚାୟତ୍ ସଭା ପୋର୍ଟାଲ୍, ପି ପି ଏମ୍ ଏସ୍ ପୋର୍ଟାଲ୍ ପଂଚାୟତ୍ ମନିଟରିଂ ସିଷ୍ଟମ୍‌ର ଶୁଭାରମ୍ଭ କର୍‌ବେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପଂଚାୟତ୍‌ମାନ୍‌କେ ପ୍ରୋତ୍ସାହନ୍ ରାଶି ପ୍ରଧାନ୍‌ମନ୍ତ୍ରୀ ସୂର୍ଯ୍ୟଘର ଯୋଜ୍‌ନା ଆର୍ ସୁଭଦ୍ରା ଯୋଜ୍‌ନାର୍ ୬ ନମ୍ବର୍ କିସ୍ତି ସାହାଜ୍ ଟଙ୍କା ଭିଲ୍ ହିତାଧିକାରୀମାନ୍‌କୁ ବାଂଟ୍‌ବାର୍ ସହେତେ ବ୍ଲକ୍‌ସ୍ତରୀୟ ଷ୍ଟାଡ଼ିୟମ୍ ମାନ୍‌କର୍ ଭିତିପ୍ରସ୍ତର୍ ଥାପ୍‌ନା କର୍‌ବେ ବଲି ପଂଚାୟତିରାଜ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

୩୬ ଲାଗି ୩୬ କାର୍ଯ୍ୟକ୍ରମ୍                ଆର୍‌ଏନ୍‌ୟୁ/ ସମ୍ବଲପୁର

୨୦୩୬ ମସିହାତକ୍ ବିକଶିତ୍ ଓଡ଼ିଶା ଗଠନ୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ଥିର୍ କରିଛନ୍ । ଇଥିର୍‌ଲାଗି ଗଲାକାଏଲ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ମନ୍ତ୍ରୀ ପରିଷଦ୍ ବୈଠକ୍ ନ ଓଡ଼ିଶା ଭିଜନ୍-୨୦୩୬ ଆର୍ ୨୦୪୭ ଉପସ୍ଥାପନ୍ କରାଯାଇଥିଲା । ଇଥି ୩୬ ଟା ମୁଖିଆ ପ୍ରାଥମିକ୍ କାର୍ଯ୍ୟକ୍ରମ୍ ଚିହ୍ନଟ୍ କରାଯାଇକରି '୩୬ ଲାଗି ୩୬' କାର୍ଯ୍ୟକ୍ରମ୍ ମୁଲ୍ କର୍‌ବାର୍‌କେ ଧାରିଜ୍ କରାଯାଇଛେ । ୧୫ ଦିନ୍ ଭିତ୍‌ରେ ରାଜ୍ୟର୍ ୪ ଟା ଜାଗା ନ ଆଂଚଲିକ୍ କର୍ମଶାଳା କରାଯିବା । ସେନ୍ତା ସମୃଦ୍ଧ ଓଡ଼ିଶା ଗଠନ୍ ଲାଗି ଜନପ୍ରତିନିଧି, ନାଗରିକ୍ ସମାଜ୍, ବୁଦ୍ଧିଜୀବୀମାନ୍‌କର୍ ମତାମତ୍ ଭିଲ୍ ସଂଗ୍ରହ କର୍‌ବାର୍‌କେ ବୈଠକ୍‌ଥି ନିଷ୍ପତି ହେଇଛେ ।

ରାଜ୍ୟ ସର୍‌କାର୍- ଲାଭାଂଶ ସିଏମ୍‌ଓ

ରାଜ୍ୟ କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍‌ର ଭିନ୍ ଭିନ୍ ନିଗମ୍ ତର୍‌ଫୁ ରାଜ୍ୟ ସର୍‌କାର୍‌ଙ୍କୁ ଲାଭାଂଶ ପ୍ରଦାନ୍ କରାଯାଇଛେ । ଓଡ଼ିଶା କୃଷି ଶିଳ୍ପ ନିଗମ୍ ତର୍‌ଫୁ ୧ କୋଟି ୩୫ ଲାଖ୍ ୭୮ ହଜାର୍ ୫ ଶହ ୨ ଟଙ୍କା, ଶକ୍ତି ଉତ୍ପାଦନ୍ ନିଗମ୍ ତର୍‌ଫୁ ଶହେ ୧୧ କୋଟି ୮୨ ଲାଖ୍ ୪୮ ହଜାର୍ ୭ ଶହ ଟଙ୍କା, କାଜୁ ଉନ୍ନୟନ୍ ନିଗମ୍ ତର୍‌ଫୁ ୪୬ ଲାଖ୍ ୫୧

ହଜାର୍ ୨ ଶହ ଟଙ୍କା ଆର୍ ଜଳବିଦ୍ୟୁତ୍ ନିଗମ୍ ତର୍‌ଫୁ ୯୨ କୋଟି ୨୧ ଲାଖ୍ ୯୧ ହଜାର୍ ୯ ଶହ ୧୧ ଟଙ୍କାର୍ ଚେକ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଦିଆଯାଇଛେ ।

ଓଡ଼ିଶା- ଇଥାନଲ୍ ପ୍ଲାଂଟ                I&PR

ରାଏଜେ ଟୁ-ଜି ଇଥାନଲ୍ ବେଭାର୍‌କେ ବଢ଼ାବାର୍ ଲାଗି ଖୋବ୍ ଜଲ୍‌ଦି ଓଡ଼ିଶା ନ ଇଥାନଲ୍ ପ୍ଲାଂଟ୍ ଥାପ୍‌ନା କର୍‌ବାର୍‌କେ ରାଜ୍ୟ ସର୍‌କାର୍ ଲକ୍ଷ୍ୟ ରଖିଛନ୍ । ଇ ବାବ୍‌ଦେ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଆଉ ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁଙ୍କର୍ ଉପସ୍ଥିତିଥି ଗୁଟେ ବୈଠକ୍ ହେଇଯାଇଛେ । ଚିଲିକା ନ ବୋଟ୍ ମାନ୍‌କେ ଇଥାନଲ୍ ମିଶା ଇନ୍ଧନ୍‌ର ବେଭାର୍ କରାଯିବାର୍ ନେଇକରି ବୈଠକ୍‌ଥି ଆଲୋଚନା ହେଇଥିଲା । କେନ୍ଦ୍ର ସର୍‌କାର୍‌ଙ୍କର୍ ନିର୍ଦ୍ଦେଶ୍ ଅନ୍‌ସାରେ ୨୦୩୦ ତକ୍ ରାଏଜେ ଡିଜେଲ୍‌ଥି ୫ ପ୍ରତିଶତ୍ ଇଥାନଲ୍ ମିଶେଇକରି ବେଭାର୍ କର୍‌ବାର୍ ଦିଗେ ଇଟା ସାହାଜ୍ କର୍‌ବା ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ ।

ପ୍ରଶାନ୍ତ ଶତ୍‌ପଥୀ-ମରଶରୀର                ଆର୍‌ଏନ୍‌ୟୁ/ ସମ୍ବଲପୁର

ଜମ୍ମୁ-କାଶ୍ମୀର୍ ଆତଙ୍କବାଦୀ ଆକ୍ରମଣ୍ ଘଟ୍ନାଥି ଜୀବନ୍ ହାରିଥିବା ଓଡ଼ିଶାର୍ ପ୍ରଶାନ୍ତ ଶତ୍ପଥୀଙ୍କର୍ ମରଶରୀର ଆଏଜ୍ ପହପହନୁ ତାକର୍ ଜନମ୍ ମାଟି ବାଲେଶ୍ୱର୍ ଜିଲ୍ଲା ଇସାଣୀ ଗାଁ ନ ପୁହୁଁଚିଛେ । ଗଲାକାଏଲ୍ ତାଙ୍କର୍ ମରଶରୀର୍କେ ଜମ୍ମୁ କାଶ୍ମୀର୍ନୁ ଭୁବ୍ନେଶ୍ୱର୍କେ ଅନାୟାଇଥିଲା । ଆଏଜ୍ ତାଙ୍କର୍ ଶେଷକୃତ୍ୟ  କରାୟିବା ।

ସ୍କୁଲ୍, କଲେଜ୍ ଛୁଟି ଆର୍ଏନ୍ୟୁ/ ସମ୍ବଲପୁର

ବଢ଼୍ତି ଖରାକେ ନଜର୍ଥି ରଖିକରି ଉଚ୍ଚଶିକ୍ଷା ବିଭାଗ୍ ତର୍ଫୁ ରାଜ୍ୟର୍ ସବୁ ସର୍କାରୀ ବେସର୍କାରୀ ବିଶ୍ୱବିଦ୍ୟାଲୟ, ମହାବିଦ୍ୟାଲୟ ଆଉ ଶିକ୍ଷକ୍ ଶିକ୍ଷାନୁଷ୍ଠାନ୍ମାନ୍କେ ଛୁଟି ଘୋଷ୍ନା କରାୟାଇଛେ । ଆଏବା ନିର୍ଦ୍ଦେଶ୍ତକ୍ ଉଚ୍ଚଶିକ୍ଷାନୁଷ୍ଠାନ୍ ମାନ୍କେ ପାଠ୍ପଢ଼ା ବନ୍ଦ୍ ରହେବା ବଲି ବିଭାଗ୍ ତର୍ଫୁ କୁହାୟାଇଛେ । ହେଲେ ହଷ୍ଟେଲ୍ ନ ରହୁଥିବା ଛାତ୍ରଛାତ୍ରୀମାନେ ନିଜର୍ ନିଜର୍ ହଷ୍ଟେଲ୍ଥି ରହିପାର୍ବେ ବଲି ବିଭାଗୀୟ ନିର୍ଦ୍ଦେଶ୍ନାମାଥି ଉଲ୍ଲେଖ୍ କରାୟାଇଛେ ।

ମନ୍ କି ବାତ୍ ଆର୍ଏନ୍ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୭ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୧ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ ।
ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ଡାଲୁଆ ଧାନ୍ ଘିନା-ବର୍‌ଗଡ଼୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବର୍‌ଗଡ଼୍ ଜିଲ୍ଲା ନ ମେ ୧୪ ତାରିଖ୍‌ନୁ ୨୦୨୪-୨୫ ମସିହା ଡାଲୁଆ ଧାନ୍ ଘିନା ମୁଲ୍ ହେବା । ଇଥର ସବୁ ମଣ୍ଡିନୁ ଏକାଥର୍‌କେ ଧାନ୍‌ଘିନା ମୁଲ୍ ହେବା ବଲି ଗଲାକାଏଲ୍ ଜିଲ୍ଲାପାଲ୍ ଆଦିତ୍ୟ ଗୋୟଲ୍‌ଙ୍କର୍

ଅଧ୍ୟକ୍ଷତାଥ୍ ହେଇଥିବା ଡି.ଏଲ୍.ପି.ସି. ବୈଠକ୍ଥି ଧାରିଜ୍ କରାଯାଇଛେ । ବୈଠକ୍ଥି ବର୍ଗଡ୍ ସାଂସଦ୍ ପ୍ରଦୀପ୍ ପୁରୋହିତ୍, ବର୍ଗଡ୍, ଅତାବିରା, ଭଟ୍ଲି, ପଦ୍ମପୁର୍ର ବିଧାୟକ୍ମାନେ ଯୋଗ୍ ଦେଇକରି ଧାନ୍ଘିନା ସୁରୁଖୁରୁଥି ସାର୍ବାର୍ ଲାଗି କହିଥିଲେ ।

ଦିଶା କମିଟି ବୈଠକ୍ I&PR

ସୁନ୍ଦର୍ଗଡ୍ ବିକାଶ୍ ଭବନ୍ ଠାନେ ଜିଲ୍ଲା ଉନ୍ନୟନ୍, ସମନ୍ୱୟ ଆଉ ନିରୀକ୍ଷଣ୍ କମିଟିର୍ ବୈଠକ୍ ହେଇଯାଇଛେ । କେନ୍ଦ୍ର ଆଦିବାସୀ ବ୍ୟାପାର୍ ମନ୍ତ୍ରୀ ଆଉ ସୁନ୍ଦର୍ଗଡ୍ ସାଂସଦ୍ ଜୁଏଲ୍ ଓରାମ୍ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ ନ ଜିଲ୍ଲା ନ ଚାଲିଥିବା କେନ୍ଦ୍ର ସର୍କାର୍ଙ୍କର୍ ଭିନ୍ ଭିନ୍ ଯୋଜ୍ନାର୍ କାର୍ଯ୍ୟକାରିତା ବାବ୍ଦେ ସମୀକ୍ଷା କରାଯାଇଥିଲା ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ବଢ଼ିଚାଲିଛେ ତାତି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ୪ ଦିନ୍ ତକ୍ ପାଗ୍ ଏନ୍ତା ଲାଗି ରହେବା । ସମ୍ବଲପୁର, ଝାର୍ସୁଗୁଡ଼ା, ବୌଦ୍ଧ, ବଲାଙ୍ଗିର, ସୁନ୍ଦର୍ଗଡ୍, ବର୍ଗଡ୍, କଲାହାଣ୍ଡି, ସୁବର୍ଣ୍ଣପୁର୍ ଜିଲ୍ଲା ନ ଜବର୍ ଗ୍ରୀଷ୍ମ

ଲହରୀ ଲାଗି ରହେବା । ଝାର୍‌ସୁଗୁଡ଼ା   ଜିଲ୍ଲାକେ ଆଏଜ୍ ଭିଲ୍ ଜବର୍ ଖରାକେ ନେଇକରି ପାଣିପାଗ୍ କେନ୍ଦ୍ର ଅଏତ୍‌କା ସତର୍କ କରେଇଛେ ।